# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
# ବଜେଟ – ୨୦୨୪ - ୨୫

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ୍ **୨୭ ହଜାର ୨ ଶହ ୧୬ କୋଟି ୪୭ ଲକ୍ଷ ଟଙ୍କା** ବ୍ୟୟ ଅଟକଳ ହୋଇଛି । ତନ୍ମଧ୍ୟରୁ ୨୦ ହଜାର ୭ ଶହ ୫୩ କୋଟି ୫୩ ଲକ୍ଷ ଟଙ୍କା ଯୋଜନା ସମ୍ବନ୍ଧୀୟ ବ୍ୟୟ ବାବଦରେ ଏବଂ ୭୧୮ କୋଟି ୬୦ ଲକ୍ଷ ଟଙ୍କା ପ୍ରଶାସନିକ ବ୍ୟୟ ବାବଦରେ ବ୍ୟୟବରାଦ କରା ଯାଇଅଛି । ପୁନଶ୍ଚ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୭ ଶହ ୧୩ କୋଟି ୨୪ ଲକ୍ଷ ଟଙ୍କା ଏବଂ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ୩ ହଜାର ୩୧ କୋଟି ୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
ଚଳିତ ଆର୍ଥିକ ବର୍ଷ ନିମନ୍ତେ ହୋଇଥିବା ବଜେଟ ଅଟକଳ ଲେଖାନୁଦାନ ବଜେଟ ୨୦୨୪-୨୫ ତୁଳନା ରେ ୧୭ ପ୍ରତିଶତ ଅଧିକ। ଏହା ମଧ୍ୟ ୨୦୨୩-୨୪ ଆର୍ଥିକ ବର୍ଷ ର ବଜେଟ ବ୍ୟୟ ବରାଦ ଠାରୁ ପ୍ରାୟତଃ ୧୦୦୦ କୋଟି ଅଧିକ। ବିଭିନ୍ନ ଯୋଜନା ଓ ଅଣ ଯୋଜନା ର କାର୍ଯ୍ୟକ୍ରମ ସମ୍ବନ୍ଧିୟ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରୁଅଛି।

**<u>ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)</u>**

ଓଡ଼ିଶା ସରକାର ରାଜ୍ୟର ସମସ୍ତ ଗ୍ରାମୀଣ ପରିବାର ବର୍ଗ କୁ ଆର୍ଥିକ ସହାୟତା ପ୍ରଦାନ କରି ପକ୍କା ଘର ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ସେଥି ନିମନ୍ତେ ଆର୍ଥିକ ବର୍ଷ ୨୦୨୪-୨୫ରେ ପୂର୍ବ ବର୍ଷ ମାନଙ୍କରେ ମଞ୍ଜୁର ହୋଇ ଅସମ୍ପୂର୍ଣ ଥିବା ପ୍ରାୟତଃ ୪ ଲକ୍ଷ ୨୦ ହଜାର ଗୃହ କାର୍ଯ୍ୟ ଶେଷ କରିବା ନିମନ୍ତେ **୫୪୯୦ କୋଟି ଟଙ୍କାର** ବ୍ୟୟ ବରାଦ ରଖା ଯାଇଛି । ଏତଦ୍ ବ୍ୟତୀତ **<u>ପ୍ରଧାନ ମନ୍ତ୍ରୀ-ଜନ ମନ ଯୋଜନାରେ</u>** ବିଶେଷତଃ ଆର୍ଥିକ ଅନଗ୍ରସର ଜନ ଜାତି ଗୋଷ୍ଠୀଙ୍କୁ ସୁରକ୍ଷିତ ପକ୍କା ଘର ଯୋଗାଇ ଦେବା ପାଇଁ **୨୦୨୪-୨୫ ଆର୍ଥିକ ବର୍ଷ ରେ ୬୦୦ କୋଟି ଟଙ୍କାର** ବ୍ୟୟ ବରାଦ ରଖା ଯାଇଛି । ଏହି ଯୋଜନା ରେ ପ୍ରାୟ ୩୦ ହଜାର ହିତାଧିକାରୀ ଙ୍କୁ ବାସଗୃହ ଯୋଗାଇ ଦିଆଯିବ।

**<u>Antyodaya Gruha Yojana( ଅନ୍ତ୍ୟୋଦୟ ଗୃହ ଯୋଜନା )</u>**

କଚ୍ଚା ଘରେ ରହୁଥିବା ଏବଂ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ରୁ ବଞ୍ଚିତ ହୋଇଥିବା ସ୍ୱଳ୍ପ ଆୟକାରୀ ପରିବାରମାନଙ୍କୁ ଗୃହ ସହାୟତା ଯୋଗାଇବା ଏବଂ ପ୍ରାକୃତିକ/ ମନୁଷ୍ୟକୃତ ଦୁର୍ବିପାକ ଯେପରିକି- ଘରପୋଡି, ବନ୍ୟା, ବାତ୍ୟା, ଭୂମିକମ୍ପ, ହାତୀ ଉପଦ୍ରବ, ଗୋଷ୍ଠୀ କନ୍ଦଳ, କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ହେତୁ କ୍ଷତିଗ୍ରସ୍ତ ହୋଇଥିବା ଓ ବିଭିନ୍ନ ସରକାରୀ ପ୍ରକଳ୍ପ ନିମନ୍ତେ ସ୍ଥାନାନ୍ତରିତ ହୋଇଥିବା ପରିବାରମାନଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନା ନିମନ୍ତେ **୨୦୨୪-୨୫ ଆର୍ଥିକ ବର୍ଷରେ ୧୦୦ କୋଟି ଟଙ୍କାର** ବ୍ୟୟ ବରାଦ ରଖାଯାଇଛି । ଚଳିତ ଆର୍ଥିକ ବର୍ଷ ରେ ଏହି ଯୋଜନା ରେ ପ୍ରାୟ ୫୦୦୦ ନୂତନ ବାସଗୃହ ନିର୍ମାଣ ଓ ୨୫ ହଜାର ହିତାଧିକାରୀ ମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**<u>ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା</u>**:

ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ **MGNREGA** ଗୋଟିଏ ଆର୍ଥିକ ବର୍ଷରେ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇବାରେ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ସେମାନଙ୍କ ଜୀବନ ଜୀବିକା କୁ ସୁଦୃଢ କରିବା ପାଇଁ ଦୀର୍ଘସ୍ଥାୟୀ ସମ୍ପତି ମଧ ସୃଷ୍ଟି କରିଥାଏ । ଏହି ଯୋଜନାରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ମଜୁରି ହସ୍ତାନ୍ତର କରାଯାଉଛି । ସାମଗ୍ରିକ ଉପାଦାନ କେନ୍ଦ୍ର ଓ ରାଜ୍ୟ ମଧ ରେ ୭୫:୨୫ ଅନୁପାତରେ ଭାଗ କରାଯାଇଛି । ଏହି ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳ ରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ **୨୦୨୪-୨୫ ଆର୍ଥିକ ବର୍ଷରେ ୩୦୫୦ କୋଟି** ଟଙ୍କାର ବ୍ୟୟ ବରାଦ ରଖାଯାଇଛି । ତଦନୁଯାୟୀ, ପ୍ରାକୃତିକ ସାଧନ ର ସୁପରିଚାଳନା ଓ କୃଷି ସମ୍ବନ୍ଧୀୟ କାର୍ଯ୍ୟ କୁ ବିଶେଷ ଦୃଷ୍ଟି ଦିଆଯିବ। ଏହି ଯୋଜନା ରେ ରାଜ୍ୟ ସରକାର ୧୫ କୋଟି ଶ୍ରମ ଦିବସ ସୃଷ୍ଟି ସହିତ ଗ୍ରାମୀଣ ପୁଷ୍କରିଣୀ ଖନନ, ଗ୍ରାମୀଣ ଉଦ୍ୟାନ ନିର୍ମାଣ ଆଦି ୧୨ ଲକ୍ଷ ଗୋଟି ପ୍ରକଳ୍ପ ସମ୍ପୂର୍ଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏତଦ ବ୍ୟତୀତ ମନରେଗା ଯୋଜନା ରେ ମହିଳା ଙ୍କ ସହଭାଗୀତା ବୃଦ୍ଧି କରିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ମାନଙ୍କର ଯୋଗଦାନ କୁ ନିଶ୍ଚିତ କରାଯିବ। ସେହିପରି ନିର୍ଦ୍ଧାରିତ ସମୟରେ ମନରେଗା ମଜୁରି ପ୍ରଦାନ କରିବା ପାଇଁ ୭୫୦ **କୋଟି ଟଙ୍କାର କର୍ପସ ପାଣ୍ଠି** ର ବ୍ୟବସ୍ଥା କରାଯାଇଛି ।

**State Support to MGNREGS** ଯୋଜନାରେ ରାଜ୍ୟର ୪ଟି ଜିଲ୍ଲା ଯଥା ବରଗଡ, ବଲାଙ୍ଗିର, କଳାହାଣ୍ଡି, ନୂଆପଡାର ୩୦ଟି ଦାଦନ ପ୍ରବଣ ବ୍ଲକରେ ସ୍ଥିରିକୃତ ୧୦୦ ଦିନର କାମ ବ୍ୟତୀତ ଅତିରିକ୍ତ ୨୦୦ ଦିନର ବାର୍ଷିକ କାର୍ଯ୍ୟ ପ୍ରତି ପରିବାରକୁ ଯୋଗାଇ ଦେବା ପାଇଁ ଥିବା ସ୍ୱତନ୍ତ୍ର ପ୍ୟାକେଜକୁ ଜାରି ରଖା ଯିବ । ଏହି ଯୋଜନାରେ ମନରେଗା ମଜୁରି ରାଶିରେ ରାଜ୍ୟର ନିଜସ୍ୱ ପାଣ୍ଠିରୁ ଦୈନିକ ଅତିରିକ୍ତ ୯୮ ଟଙ୍କା ପ୍ରଦାନ କରାଯାଉଛି । **୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୫୦୦ କୋଟି ଟଙ୍କାର** ବ୍ୟୟ ବରାଦ ରଖାଯାଇଛି ।

**Rehabilitation of Bonded labourers (ଗୋତି ଶ୍ରମିକମାନଙ୍କର ପୁନଃ ଥଇଥାନ)** ଯୋଜନାରେ ୧୫ ଟି ଜିଲ୍ଲା ରେ ଉଦ୍ଧାର ହୋଇଥିବା ଗୋତି ଶ୍ରମିକମାନଙ୍କୁ ତତକ୍ଷଣାତ ଥଇଥାନ ସହାୟତା ରାଶି ପ୍ରଦାନ କରିବା ନିମନ୍ତେ ଜିଲ୍ଲା ପିଛା ୧୦ ଲକ୍ଷ ଟଙ୍କାର କର୍ପସପାଣ୍ଠି ଗଠନ କରାଯାଉଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଉଦ୍ଦେଶ୍ୟରେ **୩ କୋଟି ଟଙ୍କାର** ବ୍ୟୟ ବରାଦ ରଖାଯାଇଛି ।

**ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା**:

ଗ୍ରାମାଞ୍ଚଳର ୧୮-୩୫ ବର୍ଷ ବୟସର ଗରିବ ଯୁବକ ଯୁବତୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶୀଳ କରାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟ ଦୂରୀକରଣ କରିବା **ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା**ର ମୁଖ୍ୟ ଉଦ୍ଦେଶ୍ୟ । **୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଉଦ୍ଦେଶ୍ୟରେ ୧୯୦ କୋଟି ଟଙ୍କାର** ବ୍ୟୟ ବରାଦ ରଖାଯାଇଛି । ଏହି ଯୋଜନା ରେ ୧୨୨୭୨ ଜଣ ଙ୍କୁ ଆଗାମୀ ୩ ବର୍ଷ ମଧ ରେ ତାଲିମ ଦେବା ପାଇଁ ଭାରତ ସରକାରଙ୍କର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସ୍ଥିର କରିଛନ୍ତି। ସେଥି ମଧ୍ୟ ରୁ ଅତିରିକ୍ତ ୫୨୦୦ ଯୁବକ ଯୁବତୀ ଙ୍କୁ ତାଲିମ ଦେବା ଏବଂ ୧୨୦୭୨ ଜଣ ଙ୍କୁ ତାଲିମ ପ୍ରଦାନ କରୁଥିବା ସଂସ୍ଥା ରେ ନିଯୁକ୍ତି ପ୍ରଦାନ (Captive Employment) କରିବାକୁ ଲକ୍ଷ୍ୟ ରଖାଯାଇଛି।

**"Implementation Support to ORMAS"** ଯୋଜନାରେ ବ୍ଲକ ସ୍ତରରେ ଗ୍ରାମ୍ୟ ପ୍ରଦର୍ଶନୀ, ଗ୍ରାମ୍ୟ ଦ୍ରବ୍ୟ ପାଇଁ ପ୍ୟାକେଜିଙ୍ଗ ୟୁନିଟ ପ୍ରତିଷ୍ଠାନ, କ୍ରେତା ଓ ଅନ୍ୟାନ୍ୟ ଭାଗୀଦାରଙ୍କୁ ସଂଯୋଗୀକରଣ କରିବା ଏହାର ଉଦ୍ଦେଶ୍ୟ । ଆର୍ଥିକ ବର୍ଷ **୨୦୨୪-୨୫ ନିମନ୍ତେ ଏହି ଯୋଜନାରେ ୪୦ କୋଟିର** ବ୍ୟୟ ବରାଦ ରଖାଯାଇଛି । ଏତଦ ବ୍ୟତୀତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧମ ରେ ତାଲିମ ପ୍ରଦାନ ଓ ଗ୍ରାମୀଣ ହିତାଧିକାରୀ ଙ୍କୁ ରୋଜଗାରକ୍ଷମ କରାଇବା ଏହି ଯୋଜନା ର ମୁଖ୍ୟ ଉଦ୍ଦେଶ୍ୟ।

**ଗ୍ରାମୀଣ ଜଳଯୋଗାଣ ଓ ପରିମଳ** :

ପାନୀୟ ଜଳର ସୁବ୍ୟବସ୍ଥା ଆମ ସରକାରଙ୍କର ପ୍ରାଥମିକତା ମଧ୍ୟରେ ରହିଛି । ରାଜ୍ୟ ସରକାର ସମସ୍ତ 26 ଲକ୍ଷ ଗ୍ରାମୀଣ ପରିବାରକୁ ୨୦୨୬ ଶେଷ ସୁଦ୍ଧା ପାଇପ ଜଳ ଯୋଗାଣ ଏବଂ ନିରାପଦ ପାନୀୟ ଜଳ ଯୋଗାଇ ଦେବା ଲାଗି ଲକ୍ଷ୍ୟ ରଖିଛନ୍ତି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି । ସମସ୍ତ ପରିବାର ପାଇଁ ଜଳର ଉତ୍ତମ ଗୁଣବତ୍ତା ସୁନିଶ୍ଚିତ କରିବା, ଜଳ ଯୋଗାଣ ପ୍ରକଳ୍ପର ସୁପରିଚାଳନା, ଜଳ ଯୋଗାଣର ନିରନ୍ତରତା, ଏବଂ ଏକ ପ୍ରଭାବୀ ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦିଆଯିବ । ନୂତନ ପ୍ରଯୁକ୍ତିର ବ୍ୟବହାର କରି ସମସ୍ତ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟକୁ ଚିହ୍ନଟ କରିବା ଲାଗି ଏକ କେନ୍ଦ୍ରୀୟସ୍ତରୀୟ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା ବିକଶିତ କରାଯିବ । ଏହି ଉଦ୍ଦେଶ୍ୟ ରେ ୧୯୧ ଗୋଟି ବୃହତ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ୨୫୩୦ ଗୋଟି ଏକକ/ ବହୁ ଗ୍ରାମ ବିଶିଷ୍ଟ ଜଳ ଯୋଗାଣ ପ୍ରକଳ୍ପ, ୪୨୨୨ ଗୋଟି ସୌରଚାଳିତ ପ୍ରକଳ୍ପ ର କାର୍ଯ୍ୟ ଚାଲୁ ରହିଛି।

ଏଥିପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୮ ହଜାର କୋଟି ଟଙ୍କା ନିବେଶ ବ୍ୟବସ୍ଥା ରହିଛି । ଏହି ଯୋଜନା ଅନ୍ତର୍ଗତ **ଜଳ ଜୀବନ ମିଶନ ଅଧୀନରେ ୬ ହଜାର କୋଟି ଟଙ୍କା, ବସୁଧା ଯୋଜନାରେ ୧୫୦୦ କୋଟି ଟଙ୍କା ଏବଂ RIDFରେ ୫୦୦ କୋଟି ଟଙ୍କା** ବ୍ୟୟ ବରାଦ ରଖାଯାଇଛି ।

କଠିନ ଓ ତରଳ ବର୍ଜ୍ୟ ପରିଚାଳନା (SWM) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଏବଂ ଓଡ଼ିଶାକୁ ଖୋଲା ଶୌଚ ମୁକ୍ତ (ODF) କରିବା ଲାଗି ପ୍ରୟାସ କରିବା ସହିତ ଆଦର୍ଶ ଗ୍ରାମରେ ରୂପାନ୍ତର କରିବା **ସ୍ୱଚ୍ଛ ଭାରତ ମିଶନ**

**(ଗ୍ରାମୀଣ)** ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୫ ସୁଦ୍ଧା ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ **୨୦୨୪-୨୫ ଆର୍ଥିକ ବର୍ଷରେ ୬୦୦ କୋଟି** ଟଙ୍କା ବ୍ୟୟ ବରାଦ ରଖାଯାଇଛି ।

**ବିକଶିତ ଗାଁ ବିକଶିତ ଓଡ଼ିଶା**

ଗ୍ରାମାଞ୍ଚଳ ଓଡ଼ିଶାର ରୂପାନ୍ତରଣ ଲାଗି ଏକ ନୂଆ ଯୋଜନା "ବିକଶିତ ଗାଁ ବିକଶିତ ଓଡ଼ିଶା" ଶୁଭାରମ୍ଭ କରାଯାଇଛି । ଏଥି ନିମନ୍ତେ ନୂତନ ଯୋଜନାରେ ପ୍ରକଳ୍ପଗୁଡିକରେ ବ୍ୟବହାର ପାଇଁ ଚଳିତ ବର୍ଷ ବଜେଟରେ **୧୦୦୦ କୋଟି** ଟଙ୍କାର ବ୍ୟୟ ବରାଦ ରଖାଯାଇଛି । ଏହି ଯୋଜନାରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ଓ ଗ୍ରାମାଞ୍ଚଳ ସଂଯୋଗୀକରଣ ନିମନ୍ତେ ଗୁରୁତ୍ୱାରୋପ କରାଯିବ । ଏତଦ୍ ବ୍ୟତୀତ ଏହି ଯୋଜନା ର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଉଛି :i) ବିଭିନ୍ନ ସ୍ଥାୟୀ ତଥା ସମ୍ପ୍ରଦାୟ ଭିତ୍ତିକ ବିକାଶମୂଳକ ପ୍ରକଳ୍ପ ଗ୍ରହଣ କରି ଗ୍ରାମୀଣ ଓଡିଶାର ତ୍ୱରିତ ଅଭିବୃଦ୍ଧି ନିମନ୍ତେ ଗୁରୁତ୍ୱପୂର୍ଣ ବ୍ୟବଧାନ କୁ ଦୂର କରିବା

ii) ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ କାର୍ଯ୍ୟକ୍ରମ ପାଇଁ ଭିତ୍ତିଭୂମି ନିର୍ମାଣ କରିବା

iii) କୃଷି, ଉଦ୍ୟାନ କୃଷି ଏବଂ ପଶୁ ସମ୍ପଦର ପ୍ରୋତ୍ସାହନ

iv) ମହିଳା ଏବଂ ଦଳିତ ବର୍ଗ ସମ୍ପ୍ରଦାୟର ସଶକ୍ତିକରଣ

v) ସ୍ୱାସ୍ଥ୍ୟ, ଶିକ୍ଷା, ଏବଂ ସାମାଜିକ କଲ୍ୟାଣ କାର୍ଯ୍ୟକଳାପ ଇତ୍ୟାଦି ପାଇଁ ଭିତ୍ତିଭୂମି ସୃଷ୍ଟି କରିବା |

**ସୌରଚାଳିତ ସଡକ ଆଲୋକୀକରଣ ପ୍ରକଳ୍ପ :**

ଗ୍ରାମାଂଚଳର ଭିତିଭୂମି ବିକାଶ ନିମନ୍ତେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ ଆଲୋକ ବ୍ୟବସ୍ଥା କରିବା ଏବଂ ଅକ୍ଷୟ ଶକ୍ତି ସମ୍ପଦ ଉପଯୋଗ ଲାଗି ଗ୍ରାମ ପଂଚାୟତଗୁଡ଼ିକରେ ସୌର ଆଧାରିତ ଷ୍ଟ୍ରିଟ ଲାଇଟିଂ ବ୍ୟବସ୍ଥା ଆରମ୍ଭ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । ସେଥିପାଇଁ ଚଳିତ ଆର୍ଥିକ ବର୍ଷରେ **୧୦ କୋଟି ଟଙ୍କାର** ବଜେଟ ବ୍ୟବସ୍ଥା କରାଯାଇଛି ।

**ସ୍ୱୟମ (SWAYAM ):** ଏହି ଯୋଜନାରେ ୧୮-୩୫ ବର୍ଷ ବୟସର ଯୁବକମାନଙ୍କୁ ସେମାନଙ୍କର ତାଲିମ , ଦକ୍ଷତା ଓ ସେମାନଙ୍କ ପାଇଁ ଉପଯୁକ୍ତ ସ୍ଥାନୀୟ ପାରିପାର୍ଶ୍ୱିକ ଅବସ୍ଥା କୁ ଭିତ୍ତି କରି ଲାଭଜନକ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ / ଆତ୍ମନିର୍ଭର କରିବା ନିମନ୍ତେ ବ୍ୟାଙ୍କ ଦ୍ୱାରା ରିହାତି ସୁଧ ରେ ସହଜ ରେ ଋଣ ଯୋଗାଇ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେଥିପାଇଁ ଚଳିତ ଆର୍ଥିକ ବର୍ଷରେ ୧୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି ।

**ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ୍ୟ ଅଭିଯାନ**

ଏହି ଯୋଜନାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକର ଦକ୍ଷତା ବିକାଶ ନିମନ୍ତେ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟ କରାଯାଉଛି । ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ **ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ୍ୟ ଅଭିଯାନ** (RGSA) ପାଇଁ **୮୨ କୋଟି** ଟଙ୍କାର ବ୍ୟୟବରାଦ କରାଯାଇଅଛି ।

**ବନ ସୁରକ୍ଷା ସମିତି** (VSS Building) ନିମନ୍ତେ ଅଣଆବାସିକ କୋଠାବାଡି ନିର୍ମାଣପାଇଁ ୨୦୨୪ -୨୫ ଆର୍ଥିକ ବର୍ଷରେ **୨୦୦ କୋଟି** ୧୭ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଅଛି ।

**ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ**

ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର ସଶକ୍ତିକରଣ ନିମନ୍ତେ ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ ରାଜ୍ୟର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ଅନୁଦାନ ରାଜ୍ୟର (ଆବଦ୍ଧ ଓ ଅନାବଦ୍ଧ) ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ମଧ୍ୟରେ ୭୦:୨୦:୧୦ ଅନୁପାତରେ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଅଛି । ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ ଅନୁଦାନ ର ୪୦ ପ୍ରତିଶତ ଅନାବଦ୍ଧ ପାଣ୍ଠି ଯାହାକି ସ୍ଥାନୀୟ ଆବଶ୍ୟକତା ଅନୁସାରେ ଉପଯୋଗ କରାଯାଉଛି। ବଳକା ୬୦ ପ୍ରତିଶତ ଆବଦ୍ଧ ପାଣ୍ଠି ଯାହାକି ଗ୍ରାମ୍ୟ ପରିମଳ, ପାନୀୟ ଜଳ ଯୋଗାଣ ଓ ବର୍ଷା ଜଳ ସରଂକ୍ଷଣ ଇତ୍ୟାଦି ନିମନ୍ତେ ବ୍ୟବହାର କରାଯାଉଛି।

ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସ୍ୱାସ୍ଥ୍ୟ ସହାୟତା ରାଶି ଗୃହହିନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ, ବ୍ଲକ ସ୍ତରୀୟ ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ଏବଂ ନିଦାନ କେନ୍ଦ୍ର ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ବ୍ୟବହୃତ ହେଉଛି।

୨୦୨୪-୨୫ ଆର୍ଥିକ ବର୍ଷରେ **ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ** ଆୟୋଗ ଅଧୀନରେ ୨ ହଜାର ୭ ଶହ ୧୩ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ବରାଦ ରଖାଯାଇଅଛି । ତନ୍ମଧ୍ୟରୁ **୧୧୧୮ କୋଟି ଆବଦ୍ଧ ପାଣ୍ଠି ପାଇଁ ଓ ୭୪୦ କୋଟି ୪୦ ଲକ୍ଷ ଅନାବଦ୍ଧ ପାଣ୍ଠି** ଏବଂ **୮୫୪ କୋଟି ୮୩ ଲକ୍ଷ** ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ **ସ୍ୱାସ୍ଥ୍ୟ ସହାୟତା** ଅନୁଦାନ ଜିଲ୍ଲା ପରିଷଦ ଓ OSH(ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ) & FWS( ପରିବାର କଲ୍ୟାଣ ସମାଜ) କୁ ପ୍ରଦାନ ପାଇଁ ବ୍ୟୟ ବରାଦ କରାଯାଇଛି ।

**<u>ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ</u>**

**୨୦୨୪-୨୫** ଆର୍ଥିକ ବର୍ଷରେ **ପଞ୍ଚମ ରାଜ୍ୟ ଅର୍ଥ** ଆୟୋଗ ଅଧୀନରେ ୩ ହଜାର ୩୧ କୋଟି ୯ ଲକ୍ଷ ଟଙ୍କା ବ୍ୟୟ ବରାଦ ରଖାଯାଇଅଛି ।

**<u>ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ହସ୍ତାନ୍ତରଣ ପାଣ୍ଠି ):</u>**

୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ୬୦: ୩୦: ୧୦ ଅନୁପାତରେ ଯଥାକ୍ରମେ **ଗ୍ରାମ ପଞ୍ଚାୟତ (୫୪୯.୦୫ କୋଟି** ), **ପଞ୍ଚାୟତ ସମିତି (୨୭୪.୫୩ କୋଟି)** ଓ **ଜିଲ୍ଲା ପରିଷଦକୁ (୯୧.୫୧ କୋଟି)** ହସ୍ତାନ୍ତରଣ ପାଣ୍ଠି ଅନୁଦାନର ବ୍ୟବସ୍ଥା କରିଛନ୍ତି ।

**<u>ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ଶୁଳ୍କ ସମର୍ପଣ):</u>** ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ମାନଙ୍କର ପାରିତୋଷିକ, ବୈଠକି ଭତ୍ତା, ଦୈନିକ ଭତ୍ତା ପ୍ରଦାନ ନିମନ୍ତେ **୨୬୮ କୋଟି** ଏବଂ **ବେତନ ଓ ପ୍ରଶାସନିକ ଖର୍ଚ୍ଚ** ନିମନ୍ତେ **୮୯୪.୨୫ କୋଟି** ଟଙ୍କା ବ୍ୟୟ ବରାଦ କରାଯାଇଛି ।

**<u>ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ସହାୟକ ଅନୁଦାନ :୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ବଜେଟ ରଖାଯାଇଛି ।</u>**

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସହାୟକ ଅନୁଦାନ – ୯୫୩.୭୫ କୋଟି ଟଙ୍କା ନିମ୍ନ ଲିଖିତ କାର୍ଯ୍ୟକ୍ରମ ନିମନ୍ତେ ବ୍ୟୟବରାଦ କରାଯାଇଛି।

1. ସଡକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ (out of M.V tax)- ୧୨୬.୭୩ କୋଟି ଟଙ୍କା
2. ରାସ୍ତା ଆଲୋକିକରଣ– ୫୬.୬୭ କୋଟି ଟଙ୍କା
3. ପୁଞ୍ଜି ସମ୍ପତି ରକ୍ଷଣାବେକ୍ଷଣ – ୫୮.୩୪ କୋଟି ଟଙ୍କା
4. ରାଜସ୍ୱ ଆୟ ନିମିତ୍ତ ପୁଞ୍ଜି ସମ୍ପତି ସୃଷ୍ଟି – ୧୪୧.୬୭ କୋଟି ଟଙ୍କା
5. ଗ୍ରାମପଞ୍ଚାୟତ ମୁଖ୍ୟ ଦପ୍ତରରେ ସୁବିଧା ବ୍ୟବସ୍ଥା – ୧୧୩.୩୦ କୋଟି ଟଙ୍କା
6. ଜଳବିଭାଜିକା ଗୁଡିକର ଉନ୍ନତିକରଣ ଓ ସଂରକ୍ଷଣ – ୨୦.୮୪ କୋଟି ଟଙ୍କା
7. ନିରାପଦ ପାନୀୟ ଜଳ ଯୋଗାଣ —୧୨୫ କୋଟି ଟଙ୍କା
8. ନଳକୂପ ପଦ୍ଧତି (ସୌର ଶକ୍ତି ) – ୪୧.୬୭ କୋଟି ଟଙ୍କା
9. ସବୁଦିନିଆ ସଂଯୋଗୀକରଣ – ୯୭.୬୯ କୋଟି ଟଙ୍କା
10. ଗ୍ରାମୀଣ ହାଟ ଉନ୍ନତିକରଣ – ୫୦ କୋଟି ଟଙ୍କା
11. ପ୍ରାଥମିକ ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ – ୫୨.୩୪ କୋଟି ଟଙ୍କା
12. ପ୍ରୋତ୍ସାହନ ପ୍ରଦାନ- ୩୨ କୋଟି ଟଙ୍କା
13. ଅଭିନବ କାର୍ଯ୍ୟପଦ୍ଧତି -୧୨.୫୦କୋଟି ଟଙ୍କା

14. ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ସହରାଞ୍ଚଳ ନିକାୟ ସଂସ୍ଥା ଗୁଡିକ ପାଇଁ ଜିଲ୍ଲାସ୍ତରୀୟ ଡାଟା କେନ୍ଦ୍ର ସୃଷ୍ଟି-୨୫ କୋଟି ଟଙ୍କା

ଅଧିକନ୍ତୁ , ୨୦୨୪-୨୫ ଆର୍ଥିକ ବର୍ଷରେ ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ନିମ୍ନଲିଖିତ ଅର୍ଥ ରାଶି ବ୍ୟୟ ବରାଦ ରଖାଯାଇଅଛି ।

- ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ –୧୨ କୋଟି ଟଙ୍କା
- ଅଣ-ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ - ୧୫ କୋଟି ଟଙ୍କା
- ରାସ୍ତା ଓ ପୋଲର ରକ୍ଷଣାବେକ୍ଷଣ - ୬୭.୯୪ କୋଟି ଟଙ୍କା
- ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ- ୧୭୫ କୋଟି ଟଙ୍କା
- ସ୍ୱାସ୍ଥ୍ୟକେନ୍ଦ୍ର ରକ୍ଷଣାବେକ୍ଷଣ- ୧୫ କୋଟି ୬୦ ଲକ୍ଷ ଟଙ୍କା
- ଅଙ୍ଗନବାଡି କେନ୍ଦ୍ର ରକ୍ଷଣାବେକ୍ଷଣ- ୫୫ କୋଟି ୨୭ ଲକ୍ଷ ଟଙ୍କା
- ପଶୁଧନ ଚିକିତ୍ସାକେନ୍ଦ୍ର ରକ୍ଷଣାବେକ୍ଷଣ- ୭ କୋଟି ୫ ଲକ୍ଷ ଟଙ୍କା